## ସଂକ୍ଷେପରେ

### ୩ ଦିନରେ ଖଇରା ଉପଖଣ୍ଡକୁ ମିଳିଲା ବିଜୁଳି



**ଖଇରା,୧୧।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବିଦ୍ୟୁତ୍ ଉପଖଣ୍ଡରେ ଫନୀ ବାତ୍ୟା ପ୍ରଭାବରେ ୧୨୧ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଥିଲା। ଏଥିସହ ୪ଟି ଷ୍ଟ୍ରକ୍‌ଚର ଡିପି ଓ ୨୫୦ ସ୍ପାନ୍ ବିଦ୍ୟୁତ୍ ତାର ନଷ୍ଟ ହୋଇଥିଲା । ବିଦ୍ୟୁତ୍ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା 'ଆକାଂକ୍ଷା ପାୱାର' ଅଧକ୍ଷ ବିପିନ ଦାସଙ୍କ ତତ୍ତ୍ୱାବଧାନ ଓ ପ୍ରକଳ୍ପ ଲିଡର ସୁଶୀଲ ସାମଲଙ୍କ ପ୍ରଚେଷ୍ଟା କ୍ରମେ ଡୁଙ୍ଗୁରା, କୁପାରୀ, ଖଇରା, ଗଣ୍ଡିବେଢ଼ ଓ ଔପଦା ସେକ୍ସନର ୨ଶହ କର୍ମଚାରୀ ୩ଦିନ ମଧ୍ୟରେ ମରାମତି କାର୍ଯ୍ୟ କରି ସମସ୍ତ ଗ୍ରାମରେ ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରାଇ ପାରିଛନ୍ତି। ୪ ଦିନ ଧରି ଏକ ଟିମ୍ ଭୁବନେଶ୍ୱର ଗସ୍ତ କରି ବିଦ୍ୟୁତ୍ ମରାମତି କାର୍ଯ୍ୟରେ ସାମିଲ ହୋଇଛନ୍ତି। ୦ସେହିଭଳି ଆଉ ଏକ ଟିମ୍ ଚାନ୍ଦବାଲି ଓ ବାହାନଗାରେ ମରାମତି କାର୍ଯ୍ୟ ଶେଷ କରି ଫେରିବା ପରେ ରବିବାରଠାରୁ ଯାଜପୁର ଯିବେ ବୋଲି ପ୍ରକଳ୍ପ ଲିଡର ସୁଶୀଲ ସାମଲ କହିଛନ୍ତି।

### ପୋଖରୀରେ ବୁଡ଼ି ଜଣେ ମୃତ

**ବାହାନଗା,୧୧।୫(ଡି.ଏନ.ଏ.):** ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ବାରିକ୍‌ପୁର ହାଟ ନିକଟଏକ ପୋଖାରୀରେ ପଡି ଶୁକ୍ରବାର ଦୟାନିଧି ସାହୁ(୫୩) ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ତାଙ୍କ ଘର ସୋର ବ୍ଲକ ମାଣିପୁର ପଞ୍ଚାୟତରେ । ସେ ବାରିକପୁର ହାଟରେ ଏକ ଦୋକାନରେ କାମ କରି ଦ୍ୱିପ୍ରହର ବେଳେ ହାତ ଗୋଡ ଧୋଇବାକୁ ପୋଖରୀକୁ ଯାଇଥିଲେ। ସେଠାରେ ତାଙ୍କ ଗୋଡ ଖସିଯିବାରୁ ସେ ପୋଖରୀ ଭିତରକୁ ପଶିଯାଇ ପାଣରେ ବୁଡିଯାଇ ଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପୋଖରୀ ମଧ୍ୟରୁ ନ ପାଇ ସୋର ଦମକଳ ବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀ ପହଞ୍ଚି ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ । ପୋଲିସ ପହଞ୍ଚି ମୃତଦେହକୁ ଜବଦ କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତର ଖାନାକୁ ପଠାଇଥିଲା।

### ୪ ଚୋରା ମଦ ବେପାରୀ ଗିରଫ

**ନୀଳଗିରି,୧୧।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ୨ଦିନ ଧରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସମୁଦାୟ ୭୨ଲିଟର ଦେଶୀ ମହୁଲି ମଦ ଜବଦ କରିବା ସହ ୪ଜଣ ଚୋରା ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କୁ କୋର୍ଟରେ ହାଜର ପରେ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଣ୍ଟିଆ ଟିକର ଗାଁର ରତ୍ନାକର ନାୟକ, ସଜନାଗଡ଼ ଗାଁର ସନତ ବିଶ୍ୱାଳ, ଘାଟଘରସାହୀ ଗାଁର ଗଜେନ୍ଦ୍ର ପରିଚ୍ଛା ଓ କଦମସାହୀ ଗାଁର ନମିତା ମହାପାତ୍ର ।

### ଝରକା ଗ୍ରୀଲ୍ ତାଡ଼ି ଚୋରି

**ସିମୁଳିଆ,୧୧।୫(ଡି.ଏନ୍.ଏ.):** ଶୁକ୍ରବାର ବିଳମ୍ବିତ ରାତିରେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ଭଗିଆ ଅଞ୍ଚଳର କହ୍ନେଇ ଚରଣ ନାୟକଙ୍କ ଝରକା ଗ୍ରୀଲ ତାଡି ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ସମେତ ନଗଦ ୪୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଚୋରି ହୋଇଯାଇଛି। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ କହ୍ନେଇଚରଣଙ୍କ ପରିବାର ଲୋକେ ତାଙ୍କ ଝିଅାରୀଙ୍କ ଚତୁର୍ଥୀ ଉତ୍ସବରେ ଯୋଗଦେବାକୁ ଯାଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଘରର ପୂର୍ବ ପାର୍ଶ୍ୱ ଝରକା ଗ୍ରୀଲ ତାଡି ଘର କଳାକନା ବୁଲାଇଥିଲେ । ପୋଲିସ ଶନିବାର ପୂର୍ବାହ୍ନ ୧୦ଟାରେ ପହଞ୍ଚି ତଦନ୍ତ ଚଳାଇଛି।

■ 'ଫନୀ' ପୀଡ଼ିତଙ୍କ ଲାଗି ସହାୟତାର ହାତ

# ବ୍ରହ୍ମଗିରି ଗଲେ ବାଲେଶ୍ୱର ସ୍ୱେଚ୍ଛାସେବୀ ଟିମ୍

**ବାହାନଗା, ୧୧।୫(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ବାହାନଗା ବଜାରର ଏକ ଦୋକାନରେ କାମ କରୁଥିବା ଜଣେ ଯୁବକଙ୍କ ମୃତଦେହ ନିକଟସ୍ଥ ଅନ୍ୟ ଏକ ଦୋକାନର ଲୁହା ଶିଡ଼ିରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି। ସୋର ଥାନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ନୀଳଗିରି ବ୍ଲକ କାହାଲିଆ ଗ୍ରାମର ସୁମନ୍ତ ବିନ୍ଧାଣି(୩୦) ବାହାନଗା ବଜାରର ଏକ ସାଇକେଲ ଦୋକାନରେ ଦୀର୍ଘ ୬ ବର୍ଷ ଧରି କାମ କରିଆସୁଥିଲେ। ଶୁକ୍ରବାର ରାତିରେ ମାଲିକଙ୍କ ଘରୁ ଖାଇ ପିଇ ସେ ରହୁଥିବା ଭଡ଼ାଘରକୁ ଶୋଇବା ଲାଗି ଯାଇଥିଲେ।



'ଫନୀ' ପୀଡ଼ିତଙ୍କୁ ସହାୟତା ପ୍ରଦାନ ଲାଗି ବାଲେଶ୍ୱରରୁ ବାହାରିଥିବା ଟିମ୍।

ଶନିବାର ସକାଳେ ସେ କାମ କରୁଥିବା ଦୋକାନ ନିକଟସ୍ଥ ଅନ୍ୟ ଏକ ଦୋକାନର ଲୁହା ଶିଡିରେ ଏକ ଗାମୁଛାରେ ଆତ୍ମହତ୍ୟା କରି ଝୁଲୁଥିବାର ଦେଖାଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ କରୁଥିଲା। ଏହାମଧ୍ୟରେ ମୃତ ଯୁବକଙ୍କ ପରିବାର ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ପୋଲିସ କହିଛି।

# ସରିଲା ମା' ଦାଣ୍ଡକାଳୀଙ୍କ ବାର୍ଷିକ ପୂଜା

**ବାହାନଗା,୧୧।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ାସ୍ଥିତ ସୁଠଙ୍ଗ ଗ୍ରାମ ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ମା' ଦାଣ୍ଡକାଳୀଙ୍କ ୪୪ତମ ବାର୍ଷିକ ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଛ। ପ୍ରତିଦିନ ଯଜ୍ଞ ଓ ଅନ୍ୟ ପୂଜାର୍ଚ୍ଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଫଳରେ ମନ୍ଦିର ପରିସର ଉତ୍ସବମୁଖର ରହିଥିଲା। ଉଦ୍‌ଯାପନୀ ଉତ୍ସବରେ ଯଜ୍ଞର ପୂର୍ଣ୍ଣାହୁତି ପଡିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଉଛି।

ପ୍ରତିବର୍ଷ ଅକ୍ଷୟ ତୃତୀୟାଠାରୁ ୪ ଦିନ ଧରି ମା'ଙ୍କ ବାର୍ଷିକ ପୂଜା ହୋଇଆସୁଛି। ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ପୂଜାରେ କର୍ତ୍ତ୍ରୀ ଭାବେ ରେବତୀ ମହାନ୍ତି ଓ କର୍ତ୍ତା ଭାବେ ସୃଷ୍ଟିଧର ମହାନ୍ତି, ମଲ୍ଲିକା ମହାପାତ୍ର, ନିରଞ୍ଜନ ମହାପାତ୍ର ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। ଲକ୍ଷ୍ମଣ କୁମାର ଦାଶ, କାର୍ତ୍ତିକ ଦାଶ, ରମାକାନ୍ତ ପାତ୍ର, ଲକ୍ଷ୍ମୀଧର ପାତ୍ର, ମଧୁସୂଦନ ବାରିକ୍, ବଳରାମ ନାୟକ, କୈଳାସ ଚନ୍ଦ୍ର ନାୟକ, ନିରଞ୍ଜନ ମହାନ୍ତି, କଳ୍ପଜିତ୍ ପାତ୍ର, ନିରଞ୍ଜନ ମହାଳିକ, ଶିବ ପ୍ରସାଦ ପାତ୍ର ପ୍ରମୁଖ ମୁଖ୍ୟ ଉଦ୍ୟୋକ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୂଜା କମିଟିର ସଭାପତି ଦିଲୀପ କୁମାର ଦାସ, ଉପସଭାପତି ନିରଞ୍ଜନ ମହାପାତ୍ର, ସମ୍ପାଦକ ସୃଷ୍ଟିଧର ମହାନ୍ତି, କୋଷାଧକ୍ଷ ବଂଶୀଧର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୪ ଜଣ ବ୍ରାହ୍ମଣ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଆଚାର୍ଯ୍ୟ ଭାବେ ନିରଞ୍ଜନ ପଣ୍ଡା, ଚଣ୍ଡୀ ପୂଜକ ଭାବେ ଉଦୟ ନାଥ ପଣ୍ଡା, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ତାଙ୍କୁ ସହାୟତା କରିଥିଲେ ପୂଜକ ଯୋଗେନ୍ଦ୍ର ପଣ୍ଡା । ପ୍ରତିଦିନ ମନ୍ଦିରରେ ଅଖଣ୍ଡ ନାମ ସଙ୍କୀର୍ତ୍ତନ ସହିତ ସନ୍ଧ୍ୟାରେ ଭାଗବତ ପାରାୟଣ ହୋଇଥିଲା । ମା'ଙ୍କ ପୂଜା ପାଇଁ ସ୍ଥାନୀୟ ସୁଠଙ୍ଗ ଗ୍ରାମ ଓ ଖନ୍ତାପଡ଼ା ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଥିଲା। ହଜାର ହଜାର ନଡିଆ ଯଜ୍ଞକୁଣ୍ଡରେ ଆହୁତି ଦିଆଯାଇଥିଲା।

## ଲୁଣି ଜୁଆର ଧୋଇନେଲା ମୁଗ, ବିରି ଚାଷ

**ବାଲିଆପାଳ,୧୧।୫(ସ୍ୱ.ପ୍ର)**

ବାତ୍ୟା 'ଫନୀ'ର ପ୍ରଭାବରେ ଲୁଣି ଜୁଆର ମାଡି ଆସିବାରୁ ବାଲିଆପାଳ ବ୍ଲକର ଅନେକ ଅଞ୍ଚଳରେ ମୁଗ ଓ ବିରି ଫସଲର ବ୍ୟାପକ କ୍ଷତି ଘଟିଛି । ଏହା ମଧ୍ୟରେ ୮ ଦିନ ବିତିଯାଇଥିଲେ ମଧ୍ୟ କୃଷି ବିଭାଗର ଅଧିକାରମାନେ କ୍ଷତିଗ୍ରସ୍ତ ଅଞ୍ଚଳରେ ପହଞ୍ଚି ନ ଥିବା କୃଷକନେତା ପ୍ରଭାକର ପରିଡା ଅଭିଯୋଗ କରିଛନ୍ତି। ବାତ୍ୟା ପ୍ରଭାବରେ ସମୁଦ୍ରରେ ଜୁଆର ଆସିବାରୁ ଏହି ବ୍ଲକର ଜାମକୁଣ୍ଡା ପଞ୍ଚାୟତର ପାଳ ଜାମକୁଣ୍ଡା, ଚଡ, ବଡ଼ତାଳପଦା, ଯାମକୁଣ୍ଡା ବିଷ୍ଣୁପୁର ପଞ୍ଚାୟତର ନୟବାଲି, ବିଷ୍ଣୁପୁର ଆଦି ଗ୍ରାମର ଦୁଇଶହ ଏକରରୁ ଅଧିକ ଜମିରେ ଲୁଣି ପାଣି ମାଡିଯାଇଛି । ଏସବୁ ଜମିରେ ଚାଷୀମାନେ ବହୁ ପରିମାଣରେ ମୁଗ ଓ ବିରି ଚାଷ କରିଥିଲେ । ଲୁଣିପାଣିରେ ମୁଗ ଓ ବିରି ଗଛ ପଚି ଯାଇ ନିଷ୍ଟ ହୋଇଯାଇଥବବାରୁ ଧାର କରଜକରି ଚାଷ କରିଥିବା ଚାଷୀ ଏବେ ହତାଶ ହୋଇପଡିଛନ୍ତି। କୌଣସି କୃଷି ଅଧିକାରୀ କ୍ଷତିଗ୍ରସ୍ତ ଅଞ୍ଚଳ ଆସି ଏଯାଏ କ୍ଷୟକ୍ଷତି ଆକଳନ କରି ନ ଥିବାରୁ ଅଞ୍ଚଳର ଚାଷୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। କୃଷି ବିଭାଗ ତୁରନ୍ତ ଏକ ପ୍ରତିନିଧି ଦଳ ପଠାଇ ଚାଷର କ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ଦେବାକୁ କୃଷକ ନେତା ପ୍ରଭାକର ପରିଡ଼ା ଏବଂ ଅନ୍ୟମାନେ ଦାବି କରିଛନ୍ତି।

## ବାତ୍ୟା ବିପନ୍ନଙ୍କୁ ଆର୍ଥିକ ସାହାଯ୍ୟ

**ଭୋଗରାଇ,୧୧।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବିଦ୍ୟୁତ୍ ନେସ୍କୋ ଡିଭିଜନ୍‌ର ଅଧିକାରୀ ଓ କର୍ମଚାରୀମାନେ ଫନୀ ପ୍ରଭାବିତଙ୍କ ଲାଗି ମୁଖ୍ୟମନ୍ତ୍ରୀଙ୍କ ପ୍ରାକୃତିକ ବିପର୍ଯ୍ୟୟ ତହବିଲ୍‌କୁ ୧୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଜରିଆରେ ଏହି ଅର୍ଥ ରାଶି ବ୍ୟାଙ୍କରେ ଜମା କରାଯାଇଥିବାର ନିର୍ବାହୀ ସହକାରୀ ଯନ୍ତ୍ରୀ ହରିଶ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ତରାପୁର ହାଇସ୍କୁଲରେ ଶିକ୍ଷକତା କରୁଥିବା ଭୋଗରାଇ ବ୍ଲକ ଜଗନ୍ନାଥପୁର ଗ୍ରାମର ସଞ୍ଜିତ କୁମାର ମହାନ୍ତି ତାଙ୍କ ଦରମା ଟଙ୍କାରୁ ବାତ୍ୟା ବିପନ୍ନଙ୍କ ଲାଗି ୨୦ହଜାର ଟଙ୍କା ସହାୟତା କରିଥିବା ଜଣାପଡିଛି।

# ଦୁଇ ରାଜ୍ୟ ଲାଗି ଭୋଟ ଦେଉଥିବା ଗାଁ ଶଙ୍ଖାମେଦୀ

**ଭୋଗରାଇ,୧୧।୫(ଡି.ଏନ.ଏ.)**

ବାଲେଶ୍ୱର ସୀମାକୁ ଲାଗିଥିବା ପଶ୍ଚିମବଙ୍ଗ ପୂର୍ବମେଦିନୀପୁର କାଁଥି ଲୋକସଭା ଆସନ ପାଇଁ ରବିବାର ସକାଳ ୭ଟାରୁ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ସକାଶେ ମତଦାନ ଆରମ୍ଭ ହେବ । ଏଥିଲାଗି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଶଙ୍ଖାମେଦୀ ଗାଁର ରାଜନୀତି ଚଳଚଞ୍ଚଳ ହୋଇଛି। ଓଡ଼ିଶା ଅଧୀନରେ ଏହି ଗାଁ ଥିଲେ ମଧ୍ୟ ଅଦ୍ୟାବଧି କେତେକ ଲୋକେ ଦୁଇରାଜ୍ୟର ସାଧାରଣ ନିର୍ବାଚନରେ ଅଂଶଗ୍ରହଣ କରିଆସୁଛନ୍ତି।

ନିକଟରେ ଓଡ଼ିଶାର ୫ମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ବେଳେ ଶଙ୍ଖାମେଦୀ ଗାଁର ୨୫୦ ଭୋଟର ଅନଳିଆ ସ୍କୁଲରେ ଭୋଟ୍ ଦେଇଥିଲେ। ରବିବାର ପଶ୍ଚିମବଙ୍ଗ ସାଧାରଣ ନିର୍ବାଚନରେ ଏହି ଗାଁର କେତେକ ଭୋଟର ମତଦାନ କରିବେ ତାହା ଦେଖିବାକୁ ବାକି ରହିଛି। ଭୌଗୋଳିକ ସ୍ଥିତି ଅନୁଯାୟୀ ଶଙ୍ଖାମେଦୀ ଗାଁକୁ ପଶ୍ଚିମବଙ୍ଗ ଗାଁଗୁଡ଼ିକ ଘେରି ରହିଛି। ଉଭୟ ରାଜ୍ୟର ରାଜସ୍ୱ ବିଭାଗ ରେକର୍ଡପତ୍ରରେ ଉକ୍ତ ଗାଁକୁ ନେଇ ଅନେକ ତ୍ରୁଟି ବିଚ୍ୟୁତି ରହିଛି। ଏଥିଲାଗି ଶଙ୍ଖାମେଦୀ ଗାଁ ଲୋକେ ଉଭୟ ରାଜ୍ୟ ସହ ବାନ୍ଧି ହୋଇ ରହିଛନ୍ତି। ଓଡ଼ିଶା ସରକାର ୧୯୬୨ ମସିହାରୁ ଉକ୍ତ ଗ୍ରାମରୁ ରାଜସ୍ୱ ଆଦାୟ ବନ୍ଦ କରିଥିଲେ ମଧ୍ୟ ଲୋକଙ୍କୁ ବିଦ୍ୟୁତ୍, ସ୍କୁଲଗୃହ, ରାସ୍ତା, ରାଶନକାଡ଼ ଓ ଶୌଚାଳୟ ଆଦି ସୁବିଧା ଯୋଗାଇ ଆସୁଛନ୍ତି। ପ୍ରାଥମିକ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ଜାତିଗତ ପ୍ରମାଣପତ୍ର ଓଡ଼ିଶା ରାଜସ୍ୱ ବିଭାଗ ପକ୍ଷରୁ ମିଳୁ ନ ଥିବାରୁ ଗାଁ ଲୋକେ ହଇରାଣ ହେଉଥିବା ଅଭିଯୋଗ କରି ଆସୁଛନ୍ତି। ଅନ୍ୟପକ୍ଷେ ପଶ୍ଚିମବଙ୍ଗ ସରକାର ଏହି ଗାଁ ଉପରେ ଅଧିକାର ସାବ୍ୟସ୍ତ ଲାଗି କଳକୌଶଳ ପ୍ରୟୋଗ କରୁଥିବା କୁହାଯାଉଛି। ଗାଁର ୱାର୍ଡ଼ମେମ୍ବର ଅଜୟ ଜେନାଙ୍କୁ ପଚାରିବାରୁ ରବିବାର ହେଉଥିବା ନିର୍ବାଚନରେ କେତେକ ଭୋଟର ଭୋଟ୍ ଦେବେ ବୋଲି ଶୁଣିବାକୁ ମିଳିଛି ବୋଲି କହିଛନ୍ତି। ପଶ୍ଚିମବଙ୍ଗ ସରକାରଙ୍କଠାରୁ ଆଧାର ଓ ରାଶନକାର୍ଡ଼ ହାତେଇ ଥିବା କେତେକ ବ୍ୟକ୍ତି ଭୋଟ୍ ଦେଇ ପାରନ୍ତି ବୋଲି ଅନଳିଆ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଳ ଓ ସରପଞ୍ଚ ବ୍ରଜକିଶୋର ମହାନ୍ତି ପ୍ରକାଶ କରିଛନ୍ତି।

## କାର ଧକ୍କାରେ ସାଇକେଲ ଆରୋହୀ ଗୁରୁତର

# ବର୍ତ୍ତିଲେ ୪ ବର୍ଷର ଶିଶୁ

**ବାହାନଗା,୧୧।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ ବେଗୁନିଆ ଡାଇଭର୍ସନ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ କାର ଧକ୍କା ଦେବାରୁ ଜଣେ ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସାଇକେଲରେ ଆଗରେ ବସିଥିବା ତାଙ୍କ ୪ ବର୍ଷର ପୁଅ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଆହତ ସାଇକେଲ ଆରୋହୀ କାଳିଆ ଦାସଙ୍କୁ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନିଆଯାଇ ସେଠାରୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାର ତଦନ୍ତ କରୁଥିବା କହିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ବାହାନଗା ବ୍ଲକ ଶିବପୁରା ଗ୍ରାମର କାଳିଆ ଦାସ ନିଜ ୪ ବର୍ଷର ପୁଅକୁ ସାଇକେଲରେ ବସାଇ ବେଗୁନିଆ ଡାଇଭର୍ସନ ପାର ହୋଇ ସ୍ଥାନୀୟ ବଜାରକୁ ଆସୁଥିବା ସମୟରେ ବାଲେଶ୍ୱର ପଟୁ ସୋର ଆଡକୁ ଯାଉଥିବା ଏକ କାର ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସାଇକେଲ ସହ ବାପ ପୁଅ ଛିଟିକି ପଡିଥିଲେ। ଏହି ଦୁର୍ଘଟଣାରେ କାଳିଆ ପଡିଯାଇ ଗୁରୁତର ଆହତ ହୋଇଥିଲେ। ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ରଇଁତିରାରେ ଯୋଗ ଶିବିର



ରଇଁତିରା ଯୋଗ ଶିବିରରେ ଯୋଗାଭ୍ୟାସ କରାଯାଉଛି।

**ଖଇରା,୧୧।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅମରିଆ–ଅଗ୍ନିପୁର ଗ୍ରାମପଞ୍ଚାୟତ ଅଧୀନ ରଇଁତିରା ସ୍କୁଲ ପଡିଆରେ ଜିଲା ପତଞ୍ଜଳି କେନ୍ଦ୍ର ଆନୁକୂଲ୍ୟରେ ଚାଲିଥିବା ୪ଦିନିଆ ଯୋଗ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଯୋଗ ପ୍ରଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ ଶିବିରରେ ଯୋଗଦେଇ ଗ୍ରାମବାସୀଙ୍କୁ ପ୍ରାଣାୟାମ ଭଳି ବିଭିନ୍ନ ଯୋଗ ଶିଖାଇଥିଲେ । ବର୍ତ୍ତମାନ ପରିସ୍ଥିତିରେ ସ୍ୱାସ୍ଥ୍ୟ ରକ୍ଷା ଲାଗି ଯୋଗର ଉପକାରିତା ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ଗ୍ରାମର ବିଜୟ କୁମାର ଦାସ, ଚିନ୍ତାମଣି ସେଠୀ, ଆଦିତ୍ୟ ରଣା, ମୁକ୍ତିକାନ୍ତ ଧିନ୍ଦା, ଭଗବାନ ରାଉଳ, ଶାନ୍ତିସୁଦ୍ଧା ରଣା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ପୂର୍ବତନ ଏମ୍‌ପି ଦ୍ୱିତୀକୃଷ୍ଣଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

**ବାଲେଶ୍ୱର ଅଫିସ,୧୧।୫**

ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ, ଏଆଇଟିୟୁସିର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ଓ ସଭାପତି, ଆସ୍କା ସଂସଦୀୟ କ୍ଷେତ୍ରର ପୂର୍ବତନ ଏମ୍‌ପି ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ପରଲୋକରେ ଶନିବାର ବାଲେଶ୍ୱର ପଥବିକ୍ରେତା ସଂଘ ପକ୍ଷରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ମହାନ୍ ଜନନେତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଜୟନ୍ତ ଦାସ ଅଧ୍ୟକ୍ଷତା କରିଥିଲେ। ଆବିଦ୍ ଖାନ୍, ମୋହିନୀ ମୋହନ ପରିଡ଼ା, ଅରୁଣ ଜେନା, ଦେବେନ୍ଦ୍ର ଜେନା, ତପନ କୁମାର ସିଟ୍, ରାମଚନ୍ଦ୍ର ପରିଡ଼ା, ଟିପିରି ସିଂ, ଜୟନ୍ତୀ ଦାସ, ଅଭିରାମ ବାରିକ୍, ସୁଧାଂଶୁ ଶାହା, ଶେଖ୍ ଇସ୍‌ଲାମ୍, ନିରଞ୍ଜନ ସ୍ୱାଇଁ, ମନୋରଞ୍ଜନ ଆସ୍, ସନ୍ତୋଷ କୁମାର ସାହୁ, ଜିତେନ୍ଦ୍ର ଦେ ପ୍ରମୁଖ ଭାଷଣ ଦେଇଥିଲେ। ଗୋବର୍ଦ୍ଧନ ସାହୁ, ସେକ୍ ସମିମ୍, ଦୀନବନ୍ଧୁ ସାହୁ, ମହମ୍ମଦ ମୁସ୍ତାଫା, ଶଶିଭୂଷଣ, ଓମ୍‌ପ୍ରକାଶ ପାଣ୍ଡେ, ପୁରୁଷୋତ୍ତମ ଖଟୁଆ, ହରେକୃଷ୍ଣ ଦାସ, ଦୁର୍ଗାଶଙ୍କର ଦାସ, ସୁବାସ ପ୍ରଧାନ, ଗୌରାଙ୍ଗ ଜେନା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସମଗ୍ର ରାଜ୍ୟର ଶ୍ରମଜୀବୀଙ୍କ ପାଇଁ ସେ ଥିଲେ ଏକ ପ୍ରେରଣା। ତାଙ୍କ ଅବର୍ତ୍ତମାନ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଦ୍ୱିତୀକୃଷ୍ଣ ୧୯୨୩ ମସିହା ଜୁଲାଇ ପହିଲାରେ ଜନ୍ମଗ୍ରହଣ କରିଥିଲେ। ଛାତ୍ର ଜୀବନରୁ ଅଖିଳ ଭାରତ ଛାତ୍ରସଂଘରେ ସାମିଲ ହୋଇ ପରେ ଦେଶର ମୁକ୍ତି ଆନ୍ଦୋଳନରେ ଝାସ ଦେଇଥିଲେ। ଦେଶ ସ୍ୱାଧୀନ ହେବା ପରେ ସେ ଓକିଲାତି ପେସା ଆରମ୍ଭ କରି ଗଞ୍ଜାମ ଜିଲାର ଆସ୍କା ଅଞ୍ଚଳରେ ଆଖୁଚାଷୀ ସଂଗଠନ, ଆସ୍କା ଚିନିକଳର ଶ୍ରମିକ ସଂଗଠନ, ଗଞ୍ଜାମ ଜିଲାର ଅନ୍ୟ ଛୋଟବଡ଼ ଶ୍ରମିକ ସଂଗଠନ ପାଇଁ କାର୍ଯ୍ୟ କରିବା ସହ ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେଶନ, ରାଜ୍ୟର ଏଆଇଟିୟୁସିର ସାଧାରଣ ସମ୍ପାଦକ ଓ ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରିଥିଲେ। ଆସ୍କା ଲୋକ ସଭା ଆସନରୁ ୧୯୭୧ ମସିହାରେ ନିର୍ବାଚିତ ହୋଇଥିଲେ। ସେ ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟରେ ରହୁଥିଲେ। ଗତ ୫ ତାରିଖ ସକାଳେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ତାଙ୍କର ପରଲୋକ ଘଟିଥିଲା।



ବାଲେଶ୍ୱର ପଥବିକ୍ରେତା ସଂଘ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା।

# ସହାୟତାର ହାତ ବଢ଼ାଇଲା ରୋଟାରୀ କ୍ଲବ

**ବାଲେଶ୍ୱର ଅଫିସ,୧୧।୫**

ଉତ୍ତରଓଡ଼ିଶାର ୧୦ଟି ରୋଟାରୀ କ୍ଲବର ସଭ୍ୟାସଭ୍ୟମାନେ ବାତ୍ୟା ବିପନ୍ନଙ୍କ ଲାଗି ସହାୟତାର ହାତ ବଢ଼ାଇଛନ୍ତି। ପୁରୀ ଜିଲାରେ ବ୍ୟାପକ କ୍ଷତି ଘଟିଥିବାରୁ ବିପନ୍ନଙ୍କ ଲାଗି ୧୫୦୦ ନୂଆ ଶାଢ଼ି, ୧୫୦୦ ନୂଆ ଗାମୁଛା, ବିସ୍କୁଟ ପ୍ୟାକେଟ୍, ଟର୍ଚ୍ଚ ଲାଇଟ୍, ଅମୂଲ, କ୍ଷୀର ଇତ୍ୟାଦି ରିଲିଫ ସାମଗ୍ରୀ ପଠାଯାଇଛି। ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅନୁରୋଧ ରକ୍ଷା କରି ବାଲେଶ୍ୱର ରୋଟାରୀ କ୍ଲବ ନିଜସ୍ୱ ପାଣ୍ଠିରୁ ୫ହଜାର କେଜି ଆଳୁ ପୁରୀ ପଠାଇଛି। ୧୦ଟି ରୋଟାରୀ କ୍ଲବ ବାଲେଶ୍ୱରବାସୀଙ୍କ ତରଫରୁ ଏହି ରିଲିଫ ଯୋଗାଇବାରେ ସମର୍ଥ ହୋଇଛନ୍ତି। ରୋଟାରୀ କ୍ଲବ, ବାଲେଶ୍ୱର ସମେତ ରୋଟାରୀ କ୍ଲବ ବାଲେଶ୍ୱର-ଅନ୍-ସି, ରୋଟାରୀ କ୍ଲବ ଶାଶ୍ୱତ, ମୟୂରଭଞ୍ଜ ଜିଲାର ରୋଟାରୀ କ୍ଲବ ଉଦଳା, ରୋଟାରୀ କ୍ଲବ ବେତନଟୀ, ରୋଟାରୀ କ୍ଲବ କରଞ୍ଜିଆ, ରୋଟାରୀ କ୍ଲବ ବାରିପଦା, ରୋଟାରୀ କ୍ଲବ ବାରିପଦା ହେରିଟେଜ୍, ଯାଜପୁର ଜିଲାର ରୋଟାରୀ କ୍ଲବ ଯାଜପୁର ଟାଉନ୍, ଭଦ୍ରକ ବ୍ଲକର ରୋଟାରୀ ବ୍ଲକ ଭଦ୍ରକ, ଇନରହୁଇଲ କ୍ଲବ ବାରିପଦା ଏଥିରେ ସାମିଲ ହୋଇଛନ୍ତି।



ଶନିବାର ରୋଟାରୀ କ୍ଲବ ପକ୍ଷରୁ ବାତ୍ୟାଞ୍ଚଳକୁ ରିଲିଫ ପଠାଯାଉଛି।

# ଗ୍ରୀଷ୍ମକାଳୀନ କର୍ମଶାଳାରେ ୫୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ

**ବାଲେଶ୍ୱର ଅଫିସ,୧୧।୫**

ବାଲେଶ୍ୱର କୁରଡ଼ା ସ୍ଥିତ ଆରଡିଏମ ଡ୍ୟାନ୍ସ ଏକାଡେମୀ ଅନୁଷ୍ଠାନ ପରିସରରେ ଏକ ୫ ଦିନିଆ ନୃତ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅପରାଜିତା ଦାସ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ୫୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ କର୍ମଶାଳାରେ ଅଂଶଗ୍ରହଣ କରି ନୃତ୍ୟଶିକ୍ଷା କରିଥିଲେ। ନୃତ୍ୟଶିଳ୍ପୀ ରାକେଶ କୁମାର ବେହେରା, କମଳ କୁମାର ବେହେରା, ରକି ନାୟକ, ଅଜିତ ମୁଖି, ଚନ୍ଦନ କୁମାର ଦାସ ବିଭିନ୍ନ ନୃତ୍ୟଶୈଳୀ ସମ୍ପର୍କରେ ଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ। ଶେଷ ଦିନରେ ବିଶିଷ୍ଟ ନୃତ୍ୟଶିଳ୍ପୀ ସିମାଞ୍ଚଳ ବେହେରା ଯୋଗଦାନ କରି ନିଜର ନୃତ୍ୟ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସ, ରୂପାୟନର ସମ୍ପାଦିକା ଶ୍ରଦ୍ଧାଞ୍ଜଳୀ ରାଏ, ଜ୍ଞାନଶ୍ରୀର ସମ୍ପାଦକ ପ୍ରଶାନ୍ତ କୁମାର ପଟେଲ, ଯୁବ ନିର୍ଦ୍ଦେଶକ କ୍ରିଷ୍ଣା, କୋରିଓଗ୍ରାଫର ସତ୍ୟରଞ୍ଜନ ମହାଳିକ, ଅନୁଷ୍ଠାନର ଉପଦେଷ୍ଟା ସଞ୍ଜୟ କୁମାର ଦାସ, ରାକେଶ କୁମାର ଗିରି ଉପସ୍ଥିତ ରହି ନୃତ୍ୟ ପ୍ରଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଭାପତି ଦାସ ଅନୁଷ୍ଠାନର ଆଭିମୁଖ୍ୟ ବାବଦରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ କୈଳାସ ଦାସ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଚିତ୍ରଶିଳ୍ପୀ କେଶୁ ଦାସ, ସମାଜସେବୀ ଶ୍ରଦ୍ଧାଞ୍ଜଳୀ ରାଏ ଏବଂ ପ୍ରଶାନ୍ତ କୁମାର ପଟେଲଙ୍କୁ ଉପଢ଼ୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।




ଗ୍ରୀଷ୍ମକାଳୀନ ନୃତ୍ୟ କର୍ମଶାଳାରେ ମଞ୍ଚାସୀନ ଅତିଥି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ମେ ୧୨/୨୦୧୯ Balasore, Sunday, May 12 / 2019

## ସଂକ୍ଷେପରେ

### ଅଂଶୁଘାତରେ ମାଂସ କଟାଳିଙ୍କ ମୃତ୍ୟୁ ଅଭିଯୋଗ

**ରାଇରଙ୍ଗପୁର, ୧୧।୫(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅନ୍ତର୍ଗତ ଯୋରଦା ଗାଁର ମାଂସ କଟାଳି ଗଣେଶ୍ୱର ପାତ୍ର(୪୫)ଙ୍କର ଶୁକ୍ରବାର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ରାଇରଙ୍ଗପୁର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିନେଇ ଏକ ଅପମୃତ୍ୟୁ ମାମଲା (ନଂ.୮/୧୯) ରୁଜୁ ହୋଇଛି।

### କେନାଲରୁ ବସ୍ ହେଲ୍‌ପରଙ୍କ ମୃତଦେହ ଉଦ୍ଧାର

**ଉଦଲା,୧୧।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଲା ଟ୍ୟାକ୍ସିଷ୍ଟାଣ୍ଡ ପାର୍ଶ୍ୱ ଏକ କେନାଲରୁ ଶନିବାର ଜଣେ ବସ୍ ହେଲ୍‌ପରଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତ ଜଣକ ଦୁର୍ଗାଚରଣ ସିଂ (୨୫) ଓ ତାଙ୍କ ଘର ବଡ଼ସାହି ଥାନା କେରକୋ ଗ୍ରାମରେ। ଉଦଲା ବସ୍‌ଷ୍ଟାଣ୍ଡଠାରୁ ଅଳ୍ପଦୂରରେ ସେ ବସ୍‌ରେ ଶୋଇଥିବା ବେଳେ କିଭଳି ଭାବେ ତାଙ୍କର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ଏକ ମାମଲା (ନଂ. ୨୧/୧୯) ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ଟ୍ରେନ୍‌ରେ କଟି ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

**ବସ୍ତା,୧୧।୫(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ଅମର୍ଦ୍ଦାରୋଡ଼ ରେଳ ଷ୍ଟେଶନର ଉତ୍ତର କ୍ୟାବିନ୍ ନିକଟରେ ଶୁକ୍ରବାର ରାତିରେ କୌଣସି ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଶନିବାର ସକାଳେ ରେଳବାଇ ପୋଲିସ ମୃତଦେହ ଉଦ୍ଧାର କରି ତଦନ୍ତ ଚଳାଇଛି। ତାଙ୍କ ପରିଚୟ ମିଳିପାରି ନାହିଁ। ଏ ନେଇ ରେଳବାଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୦/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତକଙ୍କ ବୟସ ୪୮ ବର୍ଷ ମଧ୍ୟରେ ହେବ।

# ପ୍ରସୂତିଙ୍କୁ ଲାଞ୍ଚ ମଗାଯିବା ଘଟଣାର ତଦନ୍ତ

**ବାଲେଶ୍ୱର ଅଫିସ,୧୧।୫**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଜଣେ ନର୍ସ ଜଣେ ପ୍ରସୂତିଙ୍କ ପରିବାରକୁ ଲାଞ୍ଚ ମାଗିବା ଘଟଣାକୁ କେନ୍ଦ୍ର କରି ଲୋକଙ୍କର ଆକ୍ରୋଶର ଶିକାର ହୋଇଥିଲେ। ଏ ନେଇ ପ୍ରସୂତିଙ୍କ ପରିବାର ଓ ନର୍ସ ସଂଘ ପକ୍ଷରୁ ଥାନାରେ ପୃଥକ୍ ପୃଥକ ଅଭିଯୋଗ କରାଯାଇଥିଲା। ଡାକ୍ତରଖାନା ପରିସରରେ ଏ ନେଇ ଉତ୍ତେଜନା ଲାଗି ରହିଥିଲା। ନର୍ସ ସଂଘ ପକ୍ଷରୁ ୫ ଘଣ୍ଟା କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ଏଥିରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏବଂ ଉପଜିଲାପାଳ ନୀଲୁ ମହାପାତ୍ର ହସ୍ତକ୍ଷେପ କରି ଘଟଣାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ମେଡ଼ିକାଲ ସୁପରଣ୍ଟେଣ୍ଡେଣ୍ଟ ସୁଧିର ଘୋଷ ଏବଂ ଜିଲା ଚିକିତ୍ସାଧିକାରୀ ଡା. ରଞ୍ଜନ ପାଢ଼ୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଶନିବାର ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଜଣାପଡିଛି। ନିଜେ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଏହାର ତଦନ୍ତ କରିଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ପ୍ରସୂତଙ୍କୁ ଲାଞ୍ଚ ମାଗିବା ଘଟଣାକୁ ନେଇ ଶୁକ୍ରବାର ପୂର୍ବାହ୍ନରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକଙ୍କ ମାଡରେ ଜଣେ ନର୍ସ ଗୁରୁତର ଆହତ ହୋଇଥିଲେ। ଏହାର ପ୍ରତିବାଦରେ ନର୍ସ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ କରାଯିବାରୁ ରୋଗୀମାନେ ନାହିଁ ନ ଥିବା ହଇରାଣ ହୋଇଥିଲେ। କେତେକ ରୋଗୀ ଠିକ୍ ସମୟରେ ଔଷଧ, ଇଞ୍ଜେକସନ୍, ସାଲାଇନ୍ ପାଇ ପାରି ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ଗଣ୍ଡଗୋଳ ପରେ ପ୍ରସୂତି ବିଭାଗର ୱାର୍ଡ଼କୁ କୌଣସି ଆଶାକର୍ମୀ ଏବଂ ରୋଗୀଙ୍କ ସମ୍ପର୍କୀୟଙ୍କୁ ଛଡା ଯାଇ ନ ଥିଲା। ଏ ସମ୍ପର୍କରେ ରୋଗୀଙ୍କ ପରିବାର ଲୋକେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଡାକ୍ତରଖାନାରେ ନିୟମିତ ଭାବେ ସାଧାରଣ ପ୍ରସୂତିଙ୍କଠାରୁ ୧ହଜାରରୁ ୧୫ଶହ ଏବଂ ଅପରେସନ୍ ହେଉଥିବା ପ୍ରସୂତିଙ୍କ ଠାରୁ ୧୫ଶହରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ନିଆଯାଉଥିବାର ସେମାନେ ଅଭିଯୋଗରେ ଦର୍ଶାଇଥିଲେ। ଏ ସମ୍ପର୍କରେ ଜିଲାପାଳ ରାଉତଙ୍କ ପଚାରିବାରୁ କହିଛନ୍ତି, ପ୍ରସୂତି ୱାର୍ଡ ସମସ୍ୟା ନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀଙ୍କ ସହ ଆଲୋଚନା ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରୋଗୀଙ୍କ ସହିତ ଆଶାକର୍ମୀ ଏବଂ ସମ୍ପର୍କୀୟ ୱାର୍ଡ଼ ଭିତରକୁ ଯାଇପାରିବେ। ନର୍ସମାନେ ରୋଗୀଙ୍କ ସମ୍ପର୍କୀୟଙ୍କୁ ଲାଞ୍ଚ ମାଗିବା ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଏହାର ତଦନ୍ତ କରି ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ ଦିଆଯାଇଛି। ୫ ଘଣ୍ଟା ଧରି ବେଆଇନ୍ ଭାବେ କାର୍ଯ୍ୟ ବନ୍ଦ କରିଥିବା ନର୍ସମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ।



ଶନିବାର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲାପାଳଙ୍କ ତଦନ୍ତ।

**ନର୍ସ ମାଡ଼ ଖାଇବା ଘଟଣା**

- ହସ୍ତକ୍ଷେପ କଲେ ଜିଲାପାଳ
- କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ନିର୍ଦ୍ଦେଶ





## ■ ଝୁଲନ୍ତା ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପରିବାର

**ବାହାନଗା, ୧୧।୫(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ବାହାନଗା ବଜାରର ଏକ ଦୋକାନରେ କାମ କରୁଥିବା ଜଣେ ମିସ୍ତ୍ରିଙ୍କ ମୃତଦେହ ନିକଟସ୍ଥ ଅନ୍ୟ ଏକ ଦୋକାନର ଲୁହା ଶିଡ଼ିରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି। ସୋର ଥାନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ନୀଳଗିରି ବ୍ଲକ କାହାଳିଆ ଗ୍ରାମର ସୁମନ୍ତ ବିନ୍ଧାଣି(୩୦) ବାହାନଗା ବଜାରର ଏକ ସାଇକେଲ ଦୋକାନରେ ଦୀର୍ଘ ୬ ବର୍ଷ ଧରି କାମ କରିଆସୁଥିଲେ। ଶୁକ୍ରବାର ରାତିରେ ମାଲିକଙ୍କ ଘରୁ ଖାଇ ପିଇ ସେ ରହୁଥିବା ଭଡ଼ାଘରକୁ ଶୋଇବା ଲାଗି ଯାଇଥିଲେ। ଶନିବାର ସକାଳେ ସେ କାମ କରୁଥିବା ଦୋକାନ ନିକଟସ୍ଥ ଅନ୍ୟ ଏକ ଦୋକାନର ଲୁହା ଶିଡିରେ ଏକ ଗାମୁଛାରେ ଆତ୍ମହତ୍ୟା କରି ଝୁଲୁଥିବାର ଦେଖାଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ କରୁଥିଲା। ଏହାମଧ୍ୟରେ ମୃତ ଯୁବକଙ୍କ ପରିବାର ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ପୋଲିସ କହିଛି।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ଗର୍ଭବତୀ ମହିଳାଙ୍କ ଆତ୍ମହତ୍ୟା

**ତେଲକୋଇ, ୧୧।୫(ଡି.ଏନ.ଏ.)-** କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଶିବନାରାୟଣପୁର ଗୋଡା ପଞ୍ଚାୟତ ବିରିଦା ଅଞ୍ଚଳରେ ଘରୋଇ କଳିକୁ କେନ୍ଦ୍ର କରି ଜଣେ ଗର୍ଭବତୀ ମହିଳା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସ୍ୱାମୀ ଜଗଦିଶ ପ୍ରଧାନଙ୍କ ସ୍ତ୍ରୀ ସମବାରୀ ପ୍ରଧାନ (୩୨)। ପୋଲିସ ଏକ ମାମଲା (ନଂ. ୯/୧୯) ରୁଜୁ କରି ତଦନ୍ତ ଚଳାଇଛି। କୌଣସି ଏକ କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାକୁ କେନ୍ଦ୍ର କରି ସମବାରୀ ବିଷ ପିଇଦେବାରୁ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତରବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ବୋଲେରୋ ଧକ୍କାରେ ଥାନା ଏଏସ୍‌ଆଇ ମୃତ

**ଝୁମ୍ପୁରା, ୧୧।୫(ଡି.ଏନ.ଏ.)-** କେନ୍ଦୁଝର ଜିଲା ଝୁମ୍ପୁରା ଥାନରେ କାର୍ଯ୍ୟରତ ଏଏସ୍‌ଆଇ ମରିଶ କୁଜୁର (୫୩ ବର୍ଷ) ଶନିବାର ବୋଲେରୋ ଧକ୍କାରେ ପ୍ରାଣ ହରାଇଛନ୍ତି। ଏଏସ୍‌ଆଇ କୁଜୁର ଥାନାର କାମ ସାରି ବାଇକ୍ ଯୋଗେ ଫେରୁଥିବା ବେଳେ ଝୁମ୍ପୁରା ଥାନା ନିକଟ ବାଇପାସ୍ ରାସ୍ତାରେ ମଧ୍ୟାହ୍ନ ସମୟରେ ଏକ ବୋଲେରୋ (ଓଡି ୦୯ ଏ-୩୬୧୦) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଏହାଦ୍ୱାରା ଏଏସ୍‌ଆଇ ଜଣକ ରାସ୍ତାରେ ଛିଟିକି ପଡିଥିଲେ। ମୁଣ୍ଡରେ ମାଡ଼ ତଥା ରକ୍ତସ୍ରାବ ଯୋଗୁ ଏଏସ୍‌ଆଇଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ପୋଲିସ ବୋଲେରୋକୁ ଜବତ କରିଛି। ମୃତ ଏଏସ୍‌ଆଇଙ୍କର ଘର ସୁନ୍ଦରଗଡ ଜିଲା ରାଙ୍ଗିଆଡିପା ଗ୍ରାମରେ। ଏହି ଘଟଣା ପରେ ଥାନା କର୍ମଚାରୀ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ ଏଏସ୍‌ଆଇଙ୍କର ପରିବାର ସଦସ୍ୟ ପହଁଚିଲେ ଶବ ବ୍ୟବଚ୍ଛେଦ ପାଇଁ ନିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ବାତ୍ୟା ବିପନ୍ନଙ୍କୁ ପଲିଥିନ ସାହାଯ୍ୟ

**ହାଟଡ଼ିହୀ,୧୧।୫(ଡ଼ି.ଏନ.ଏ.)-** ଫନୀ ବାତ୍ୟାର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଯୋଗୁଁ ପୁରୀ ସହରର ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ପାନୀୟଜଳ ଠାରୁ ଆରମ୍ଭ କରି ରହିବା ପାଇଁ ଘରଟିଏ ନ ଥିବା ଯୋଗୁଁ ପଲିଥିନ ଦାରା ଅସ୍ଥାୟୀ ଘରଟିଏ ତିଆରି କରି ମୁଣ୍ଡ ଗୁଞ୍ଜିବା ପାଇଁ କେନ୍ଦୁଝର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ହାଟଡ଼ିହୀ ତହସିଲ ପକ୍ଷରୁ ଗତ ଗୁରୁବାର ଚିଠି ନଂ ୧୬୨୭ ଅନୁଯାୟୀ ପୁରୀକୁ ୨ଶହ ରୋଲ ପଲିଥିନ ପଠାଯାଇଛି । ପ୍ରଶାସନର ଏହିଭଳି ବ୍ୟବସ୍ଥାକୁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକଙ୍କ ମହଲରେ ପ୍ରଶଂସା କରାଯାଇଛି ।

### ୨ବାଇକ୍ ମୁହାଁମୁହିଁ : ୪ଗୁରୁତର

**ତେଲକୋଇ, ୧୧।୫(ଡି.ଏନ.ଏ.)-** କେନ୍ଦୁଝର ତେଲକୋଇ ମୁଖ୍ୟାଳୟର ଗାନ୍ଧୀନଗର ସାହିରେ ଗୁରୁବାର ଅପରାହ୍ନ ୪ଟାରେ ଉଭୟ ପଟରୁ ଆସୁଥିବା ବାଇକ୍ ମୁହାଁ ମୁହିଁ ଧକ୍କା ହେବା ଫଳରେ ୪ ଗୁରୁତର ଆହତ ହୋଇଥିବାବେଳେ ୨ଜଣ ସାମାନ୍ୟ ଆହତ ହୋଇଛନ୍ତି। ଉଭୟ ଗାଡିରେ ୩ଜଣ ଲେଖାଏ ୬ଜଣ ଥିଲେ । ତେବେ ତାଙ୍କୁ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ମମତା ଆଗରେ ଅସହାୟ ମା'

ଏ ମହିଳାଙ୍କୁ ଦୁନିଆ କହେ ମା'। ମୁଣ୍ଡରେ ପରିବାରର ବୋଝ। କାନିରେ ବନ୍ଧା ହୋଇଛି ମମତାର ଫୁଲ କଢ଼ି। ଗୋଟିଏ ପଟେ ଦାୟିତ୍ୱ, ଆଉ ଗୋଟିଏ ପଟେ ନିଚ୍ଛକ ମମତା। କହିଲେ ଦେଖି କେଡ଼େ ବିଚିତ୍ର ଏଇ ସମୀକରଣ। ଆକାଶର ଖରା ତାକୁ ବାଧେନି। ତତଲା ମାଟିରେ ପାଦ ଫୋଟକା ହେଲେ ବି ସହିଯାଏ ସେ। ସବୁ ସେଇ କଅଁଳା ଛୁଆଟି ପାଇଁ। ଅନ୍ତଫାଡ଼ି ଜନ୍ମ ଦେଇଛି ପରା। ତାକୁ ବା ଘରେ ଛାଡ଼ି ଆସନ୍ତା କେମିତି କହିଲେ । ଏ ଚିତ୍ର ହେଉଛି ରତ୍ନଗର୍ଭା କେନ୍ଦୁଝର ଜିଲାର ।

**ଆଜି ବିଶ୍ୱ ମାତୃ ଦିବସ**

**କେନ୍ଦୁଝର, ୧୧।୫ (ସ୍ୱ.ପ୍ର.)**

ମା' ଓ ଶିଶୁର ଯତ୍ନ ଏବଂ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ସରକାର ବହୁ ପଦକ୍ଷେପ ଗ୍ରହଣ କରିବା ସହ ଯୋଜନା କରିଛନ୍ତି। କିନ୍ତୁ ସେସବୁ କେତେ କାମରେ ଲାଗୁଛି ତାହା ସମସ୍ତଙ୍କୁ ଜଣା । କେନ୍ଦୁଝର ସହରକୁ ପାହାଡ ଅଞ୍ଚଳରୁ ବହୁ ଆଦିବାସୀ ମହିଳା ସେମାନଙ୍କ ସଂଗୃହୀତ ବନଜାତ ଦ୍ରବ୍ୟ ଓ ସାମଗ୍ରୀ ଆଣି ବିକ୍ରିବଟା କରିଥାନ୍ତି। ଘରେ କେହି ନ ଥିବାରୁ ଏବଂ ଶିଶୁର ଯତ୍ନ ନେବା ପାଇଁ କେହି ନ ଥିବାରୁ ମା' ଶିଶୁ ଟିକୁ ଧରି ବଜାରକୁ ଧାଇଁ ଆସିଥାଏ । ସାମଗ୍ରୀ ବିକିଲେ ଦୁଇ ପଇସା ପାଇବ। ରାସ୍ତା କଡରେ ଖରାରେ ଧୂଳିଧୂଆଁ ପରିବେଶରେ ମା'ଟି ଶିଶୁ ଟିକୁ ଧରି ଗ୍ରାହକକୁ ଅପେକ୍ଷା କରିବା ଦୃଶ୍ୟ ଅନେକଙ୍କୁ ବ୍ୟଥିତ କରିଥାଏ। କେନ୍ଦୁଝର ସହରରେ ଆଶ୍ରୟସ୍ଥଳୀ ବା କ୍ରେଚ ନ ଥିବାରୁ ଶିଶୁଟିକୁ କିଛି ସମୟ ଛାଇରେ ଆଶ୍ରୟ ଦେଇ ନ ପାରି ଖରାରେ ଶୁଆଇ ଗ୍ରାହକ ଅପେକ୍ଷାରେ ଥାଏ।

କେନ୍ଦୁଝର ଜିଲା ମୁଖ୍ୟାଳୟରେ ଏଭଳି ଚିତ୍ର ଦୈନିକ ଦେଖିବାକୁ ମିଳେ। କିନ୍ତୁ ଏଥିପାଇଁ ପ୍ରଶାସନିକ ସ୍ତରରେ କିମ୍ବା ସାମାଜିକ ସ୍ତରରେ କାହାରି ଆନ୍ତରିକତା ଥିବା ମନେ ହୁଏ ନାହିଁ। ମୁଣ୍ଡରେ ବୋଝ ଓ କାଖରେ କଅଁଳା ଶିଶୁକୁ ଦେଖିଲେ ମା'ର ଅସହାୟତା ବେଶ ଜଣାପଡେ। ସ୍ନେହ ଆଦରର ଶିଶୁକୁ ଏକୁଟିଆ ଘରେ ଛାଡି ପାରୁନଥିବା ମାଟି ରାସ୍ତା କଡରେ ଶିଶୁକୁ ଖାଦ୍ୟ ଦେଇଥାଏ। ମୁଣ୍ଡରେ କାଠର ବୋଝ ଧରି ପାହାଡରୁ ୧୦/୧୨ କି.ମି. ଚାଲି ଚାଲି ଆସନ୍ତି। କାଖରେ ଗାମୁଛାରେ ବନ୍ଧା ହୋଇଥାଏ ତାହାର ଅମୂଲ୍ୟ ସନ୍ତାନ। ଖରା ବର୍ଷା ହେଲେ ପଣତକାନୀକୁ ଘୋଡାଇଦେଇଥାଏ। ବଜାରରେ କାଠ ବିକିଲେ ଦାନ୍ତ ଘସି ଟିକେ କଣ ଖାଇଥାନ୍ତି। ଛୁଆକୁ ଖାଇବାକୁ ଦେଇ ଘରକୁ ଫେରିଥାଏ। ଏଣୁ ସେମାନଙ୍କ ପାଇଁ ଜିଲା ମୁଖ୍ୟାଳୟରେ ଆଶ୍ରୟ ଘର ଓ ଶିଶୁ ମାନଙ୍କ ପାଇଁ କ୍ରେଚ ନିର୍ମାଣ କରାଗଲେ ସେମାନେ ବହୁ ଉପକୃତ ହୋଇ ପାରନ୍ତେ ବୋଲି ମତପ୍ରକାଶ ପାଉଛି।




କାଖରେ ମମତା, ରାସ୍ତା କଡରେ ଜୀବିକା।

# ମଦ ବନ୍ଦ କରିବାକୁ ନିଷ୍ପତ୍ତି ନେଲେ ଗ୍ରାମବାସୀ

**ହାଟଡ଼ିହୀ,୧୧।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ହାଟଡ଼ିହୀ ବ୍ଲକ ଆଇତିପୁର ପଞ୍ଚାୟତ ଅଧୀନ ରାଘବପୁର ଗ୍ରାମରେ ଦୀର୍ଘଦିନ ଧରି ଅବାଧ ଚୋରାମଦ ବିକ୍ରି ଚାଲିଛି। ନନ୍ଦିପଦା ପୋଲିସର ଛତ୍ରଛାୟା ତଳେ ରହି ଚୋରା ମଦବେପାରୀ ସକ୍ରିୟ ହେବାରେ ଲାଗିଛନ୍ତି। ଏହାର କୁପ୍ରଭାବ ଗାଁ ତଥା ପରିବେଶକୁ ବିଶୃଙ୍ଖଳିତ କରିଦେଇଛି। ଏହା ବିରୋଧରେ ରାଘବପୁର ଗ୍ରାମର ବାବୁଲି ସାର୍‌ଙ୍କ ଉଦ୍ୟମକ୍ରମେ 'ମା' ବାଗ୍‌ଦେବୀ ସେବାସଂଘର କର୍ମକର୍ତ୍ତାଙ୍କ ସହ ଗ୍ରାମର ଯୁଧିଷ୍ଠିର ଜେନା, ବାସୁଦେବ ରାଉତ, ସୁରେନ୍ଦ୍ର ଜେନା, ଆଲୋକ ରାଉତ ପ୍ରମୁଖଙ୍କ ସମେତ ଅନ୍ୟ ସମସ୍ତ ବ୍ୟକ୍ତିଙ୍କୁ ଏକତ୍ରିତ କରି ଏକ ସଭାର ଆୟୋଜନ କରାଯାଇଥିଲା। ଗ୍ରାମର ଉନ୍ନତି ପାଇଁ ମଦବିକ୍ରି ଏକ ପ୍ରତିବନ୍ଧକ ବୋଲି ସମସ୍ତେ ମତପ୍ରକାଶ କରିଥିଲେ। କୌଣସି ବେପାରୀ ଯଦି ଗାଁ କମିଟି ନିୟମକୁ ଉଲ୍ଲଂଘନ କରନ୍ତି, ତେବେ ତାଙ୍କୁ ପୋଲିସକୁ ହସ୍ତାନ୍ତର କରିଦିଆଯିବ ବୋଲି ନିଷ୍ପତ୍ତି ମଧ୍ୟ ନିଆଯାଇଛି। ଗ୍ରାମର କୌଣସି ବ୍ୟକ୍ତି ଗାଁ ପରିବେଶ କିମ୍ବା ବିଦ୍ୟାଳୟ ପରିସରକୁ ମଦ୍ୟପାନ କରି ଉତ୍ପାତ କଲେ ୨ହଜାର ଟଙ୍କାର ଜରିମାନା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାର ନିଷ୍ପତ୍ତି ନିଆଯାଇଛି।

# ଭୋଟ ଗଣନା ପାଇଁ ପ୍ରସ୍ତୁତି



ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟ କର୍ମୀମାନେ।

**କେନ୍ଦୁଝର, ୧୧।୫(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦୁଝର ଲୋକ ସଭା ଓ ଘଷିପୁରା, ତେଲକୋଇ, ଆନନ୍ଦପୁର, ପାଟଣା, ସଦର ଓ ଚମ୍ପୁଆ ବିଧାନସଭା ନିର୍ବାଚନ ର ଭୋଟ ଗଣନା ପାଇଁ ପ୍ରସ୍ତୁତି ବୈଠକ ଶନିବାର ସ୍ଥାନୀୟ ଦରବାର ହଲଠାରେ ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୩ ତାରିଖରେ କେନ୍ଦୁଝରସ୍ଥିତ ଓଡିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ, କେନ୍ଦୁଝର, ଆନନ୍ଦପୁରସ୍ଥିତ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ, ଶାଳପଡା ଓ ଚମ୍ପୁଆସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଠାରେ ଭୋଟ ଗଣନା ହେବ । ଭୋଟ ଗଣନା କିପରି ଠିକ୍ ଭାବରେ ପରିଚାଳିତ ହେବ ସେ ନେଇ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ଭୋଟ ଗଣନା ସହାୟକ, ସୁପରଭାଇଜର, ମାଇକ୍ରୋ ଅବ୍‌ଜର୍ଭର ନିଯୁକ୍ତ ପାଇଁ ବିଶଦ ଆଲୋଚନା କରାଯାଇଥିଲା। ରବିବାର ସୁଦ୍ଧା ଏନେଇ ତାଲିକା ପ୍ରସ୍ତୁତ କରିବା ପାଇଁ ସମସ୍ତ ରିଟର୍ନିଂ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ବିଧାନସଭା ପାଇଁ ୩ ଜଣ ଲେଖାଁଏ ମାଷ୍ଟର ଟ୍ରେନର ଚୟନ, ଗଣତିରେ ଭାଗ ନେଉଥିବା କର୍ମଚାରୀଙ୍କୁ ଉପଯୁକ୍ତ ତାଲିମ ଦେବା ପାଇଁ ପ୍ରସ୍ତୁତି, ପୋଷ୍ଟାଲ ବାଲଟ ଗଣତି, ଭୋଟ ଗଣନା କେନ୍ଦ୍ରରେ ଭିଡିଓଗ୍ରାଫି ବ୍ୟବସ୍ଥା, ଭୋଟ ଗଣନା କର୍ମଚାରୀ ଓ ଏଜେଣ୍ଟମାନଙ୍କ ପାଇଁ ପରିଚୟପତ୍ର ବ୍ୟବସ୍ଥା ସମେତ ଆନୁଷଙ୍ଗିକ ସାମଗ୍ରୀ ସମ୍ପର୍କରେ ଆଲୋଚନା କରାଯାଇଥିଲା । ମେ ୧୯ ସୁଦ୍ଧା ଭୋଟ ଗ୍ରହଣ କେନ୍ଦ୍ରମାନଙ୍କରେ ପ୍ରାରମ୍ଭିକ ପ୍ରସ୍ତୁତି ଶେଷ କରିବାକୁ ଆଦେଶ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ ଡ. ଭକ୍ତଚରଣ ପ୍ରଧାନ, ପିଡି ଡିଆର୍‌ଡିଏ ଡ. ଉଦ୍ଧବ ଚରଣ ମାଝି, ପିଡି ଡିୟୁଡିଏ ଘାସିନାଥ ମୁର୍ମୁ, ପିଏ ଆଇଟିଡିଏ ନାରାୟଣ ମୁର୍ମୁ, ଉପଜିଲାପାଳ କେନ୍ଦୁଝର ସୋମନାଥ ପ୍ରଧାନ, ଉପଜିଲାପାଳ ଚମ୍ପୁଆ ପାରୁଲ ପଟୱାରୀ, ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ, ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ସନ୍ତୋଷ କୁମାର ନାୟକ, ଡେପୁଟି କଲେକ୍ଟର ରାମଚନ୍ଦ୍ର କିସ୍କୁ, ଡିଆଇଓଙ୍କ ସମେତ ଜିଲାର ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ ।

# ରୋଗୀଙ୍କୁ ମିଳୁନି ସେବା, ଉତ୍ତେଜନା



ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ଚମ୍ପୁଆ, ୧୧।୫ (ଡି.ଏନ.ଏ.)**

୧୯୧୦ ମସିହାରୁ ନିର୍ମିତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀସେବାରେ ଘୋର ଅବ୍ୟବସ୍ଥା ଫଳରେ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଗୁରୁବାର ଉତ୍ତେଜନା ଦେଖାଦେଇଛି। ଦୀର୍ଘ ସମୟ ପରେ ଚିକିତ୍ସା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବା ପରେ ସେମାନେ ଅବ୍ୟବସ୍ଥା ନେଇ ପ୍ରମାଣ ପ୍ରଦାନ କରିଥିଲେ। ଅଧଘଣ୍ଟା ଧରି ଏହି ଉତ୍ତେଜନା ଲାଗିରହିଥିଲା। ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣର ପ୍ରତଶ୍ରୁତି ପରେ ଉତ୍ତେଜନା କମିଥିଲା। ସୂଚନା ଅନୁସାରେ ଏହି ଉପଖଣ୍ଡ ଚିକିତ୍ସାଳୟକୁ ଦୈନିକ ଝାଡଖଣ୍ଡ, ମୟୂରଭଞ୍ଜ, ସୁନ୍ଦରଗଡ ଅଞ୍ଚଳ ସମେତ ଚମ୍ପୁଆ, ଯୋଡା, ବଡବିଲ ଅଞ୍ଚଳରୁ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଉନ୍ନତ ଚିକିତ୍ସା ପ୍ରଦାନ କରିଆସୁଥିବା ଏହି ଚିକିତ୍ସାଳୟରେ ରୋଗୀଙ୍କୁ ଶୋଷଣ କରାଯାଉଥିବା ପୂର୍ବରୁ ଅନେକ ଅଭିଯୋଗ ହୋଇଆସିଛି । ଗୁରୁବାର ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଥିଲେ ଯେ, ରୋଗୀଙ୍କୁ ଠିକ ସମୟରେ ଖାଦ୍ୟ ଦିଆଯାଉନଥିବା, ୱାର୍ଡ ରାଉଣ୍ଡ ସମୟ ସକାଳ ୯ଟାରେ ଥିବା ବେଳେ ଡାକ୍ତର ମାନେ ୧୧ଟା ପରେ ରାଉଣ୍ଡ କରୁଥିବା, ସାଲାଇନ ସରି ଯାଉଥିଲେ ମଧ କର୍ମଚାରୀମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଏ ସମ୍ପର୍କରେ ଚିକିତ୍ସା ଅଧିକାରୀ କର୍ଣ୍ଣ ରାମ ମହାନ୍ତ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିବା ପରେ ତୁରନ୍ତ ଏପ୍ରତି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ଗାଁ କଲ୍ୟାଣ ସମିତି କର୍ମଶାଳା ଉଦ୍‌ଯାପିତ

**ହାଟଡିହୀ, ୧୧।୫(ସ୍ୱ.ପ୍ର.)**

ହାଟଡିହୀ ବ୍ଲକ ଶାଳଣିଆ ସିଏଚ୍‌ସି ଅଧୀନସ୍ଥ ଗାଁ କଲ୍ୟାଣ ସମିତିଗୁଡ଼ିକର ଏକ କର୍ମଶାଳା ହାଟଡିହୀ ଡାକ୍ତରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏଚ୍‌ସି ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଶୁଭେନ୍ଦୁ ଭୂଷଣ ପୁହାଣ ଓ ହିସାବ ରକ୍ଷକ ପ୍ରମୋଦ ମଲିକ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ସହ ଗାଁ କଲ୍ୟାଣ ସମିତି ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଭଲ ପ୍ରଦର୍ଶନ କରିଥିବା ଗାଁ କଲ୍ୟାଣ ସମିତି ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀମାନଙ୍କୁ ପ୍ରୋତ୍ସାହନ ଦିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ୧୦୯ଟି ଗାଁ କଲ୍ୟାଣ ସମିତି ସଦସ୍ୟଙ୍କୁ ତାଲିମ ଦିଆଯାଇଥିଲା। ହାଟଡିହୀ ସୁପରଭାଇଜର ମଧୁସୂଦନ ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଦୁର୍ଘଟଣାରେ ଗୋଟିଏ ପରିବାରର ୪ ଗୁରୁତର

**ଆନନ୍ଦପୁର, ୧୧।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ଥାନା ଗୋହିରା ଲିଲିଆନ୍ସ ପେଟ୍ରୋଲପମ୍ପ ନିକଟରେ ଗୋଟିଏ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ଗୋଟିଏ ପରିବାରର ୪ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଦେବଗଡ ଜିଲାରୁ ଗୋଟିଏ ପରିବାରର ୪ ଜଣ କାର ଯୋଗେ ବାଲେଶ୍ୱର ଯାଉଥିବା ସମୟରେ ଘସିପୁରାର ଗୋହିରା ଠାରେ ଏକ ଟ୍ରକ୍ ରାସ୍ତାକୁ ଚାଲିଆସିବାରୁ କାର ସହିତ ଧକ୍କା ହୋଇଥିଲା। ଏଥିରେ କାରଟି ଓଲଟିପଡିଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଘସିପୁରା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା କରାଯାଇ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

### ବଜ୍ରପାତରେ ୨ ବଳଦ ମୃତ

**କେନ୍ଦୁଝର, ୧୧।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ପଦ୍ମପୁର ଗ୍ରାମରେ ଶନିବାର ଅପରାହ୍ନରେ ବଜ୍ରପାତରେ କନ୍ଦର ମୁଣ୍ଡାଙ୍କ ୨ ବଳଦ ମୃତ୍ୟୁ ଘଟିଛି। ଚରୁଥିବାବେଳେ କାଳବୈଶାଖି ଯୋଗୁ ବଜ୍ରପାତ ହେବାରୁ ବଳଦଙ୍କ ମୃତ୍ୟୁ ହୋଇଥିଲା।

# ଶନିଶ୍ଚର ପୂଜା ପାଇଁ ଉତ୍ସବମୁଖର ଆନନ୍ଦପୁର

**ଆନନ୍ଦପୁର, ୧୧।୫(ସ୍ୱ.ପ୍ର.)**

ଆନନ୍ଦପୁର ଉପଖଣ୍ଡରେ ଶନିଶ୍ଚର ମହାପ୍ରଭୁଙ୍କ ପୂଜାର୍ଚ୍ଚନା ପାଇଁ ଉତ୍ସବ ମୁଖରିତ ହୋଇଛି। ଘସିପୁରା ବ୍ଲକ ଜରଦା ଠାରେ ଶ୍ରୀ ଶ୍ରୀ ଗ୍ରହରାଜ ଶନିଶ୍ଚର ମହାପ୍ରଭୁଙ୍କ ୩୯ ତମ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ଗ୍ରାମର କର୍ତ୍ତା ପ୍ରମୋଦ କୁମାର ବଳ ଓ ପୂଜକ ଗୌରାଙ୍ଗ ପଣ୍ଡାଙ୍କ ତତ୍ତ୍ୱାବଧାନରେ କଳସ ଶୋଭାଯାତ୍ରା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ରବୀନ୍ଦ୍ର କୁମାର ପଣ୍ଡା ଓ ଗିରିଧାରୀ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ପୀଠ ନିକଟରେ ଥିବା ଗୌଡ ପୋଖରୀରୁ ଜଳ ଆଣି ଅଭିଷେକ କରିଥିଲେ। ଯଜ୍ଞ କାର୍ଯ୍ୟ ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା ସମ୍ପାଦନ କରାଯାଇଥିଲା। ଅପରାହ୍ନରେ ପୂର୍ଣ୍ଣାହୁତୀ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଅସହ୍ୟ ତାତିକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଦହି ପଣାର ବ୍ୟବସ୍ଥା କରାଯାଇଥିଲା। ଗ୍ରାମର ଦିଲ୍ଲିପ ଭୂୟାଁ, ହାଡିବନ୍ଧୁ ଜେନା, ଅମୂଲ୍ୟ ଜେନା, କାର୍ତ୍ତିକ ବିଶ୍ୱାଳ, କଳାକାର ରାଉତ, ରବିନ୍ଦ୍ର ଭୂୟାଁ, ରବିନ୍ଦ୍ର ଜେନା, ଉମ୍ବରୁ ଭୂୟାଁ, ତପନ ଜେନା, ରବୀନ୍ଦ୍ର ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଘସିପୁରା ବ୍ଲକ ଅଳତୀ ପଞ୍ଚାୟତ ବେଲସୁନ୍ଦରୀ ଗ୍ରାମରେ ଶନିଶ୍ଚର ପୂଜା ଧୁମ୍ ଧାମ୍‌ରେ ପାଳିତ ହୋଇଛି। ପ୍ରାତଃ ସମୟରୁ ମନ୍ଦିର ଶୋଧନ ପରେ ହୋମଯଜ୍ଞ ସହିତ ବିଶେଷ ପୂଜାର୍ଚ୍ଚନା କାର୍ଯ୍ୟ କରାଯାଇଥିଲା। ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ପରେ ନିକଟରେ ଥିବା ନିରଞ୍ଜନ ସାଗରରୁ ଜଳ ଆଣି ଶନିଦେବଙ୍କ ଶୀଳା ଉପରେ ଜଳାଭିଷେକ କରିଥିଲେ। ଭକ୍ତଙ୍କ ଭିଡକୁ ଲକ୍ଷ କରି ଶନିଶ୍ଚର ପୂଜା କମିଟି ଇଟିଇଜିଏ କ୍ଲବ ପକ୍ଷରୁ ଶାନ୍ତଶୃଙ୍ଖଳା ଦାୟିତ୍ୱ ତୁଲାଇବା ସହିତ ଦହି ସର୍ବତର ବ୍ୟବସ୍ଥା କରାଯାଇଥିଲା। ଏହି ପୂଜା ଉତ୍ସବରେ ଆଖପାଖ ଅଞ୍ଚଳର ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ପାଲମଣ୍ଡପ ପଡିଆରେ ଅସ୍ଥାୟୀ ମିନାବଜାରର ମଜା ଉଠାଇଥିଲେ। ସେହିପରି ଜନାର୍ଦ୍ଦନପୁର ପାଟଣା, ଅଳତୀ, ପୁରୁଣାବାନ୍ଧଗୋଡା, ତରୁଆଁ, ମଛାଳୋ, ଅଙ୍ଗାରୁଆ, ଦେଓଗାଁ ପ୍ରଭୃତି ସ୍ଥାନରେ ଶନି ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।



ଜରଦା ଶନିଶ୍ଚର ପୂଜାରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ରଇଁତିରାରେ ଯୋଗ ଶିବିର



ରଇଁତିରା ଯୋଗ ଶିବିରରେ ଯୋଗାଭ୍ୟାସ କରାଯାଉଛି।

**ଖଇରା,୧୧।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅମରିଆ–ଅଗ୍ନିପୁର ଗ୍ରାମପଞ୍ଚାୟତ ଅଧୀନ ରଇଁତିରା ସ୍କୁଲ ପଡିଆରେ ଜିଲା ପତଞ୍ଜଳି କେନ୍ଦ୍ର ଆନୁକୂଲ୍ୟରେ ଚାଲିଥିବା ୪ଦିନିଆ ଯୋଗ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଯୋଗ ପ୍ରଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ ଶିବିରରେ ଯୋଗଦେଇ ଗ୍ରାମବାସୀଙ୍କୁ ପ୍ରାଣାୟାମ ଭଳି ବିଭିନ୍ନ ଯୋଗ ଶିଖାଇଥିଲେ । ବର୍ତ୍ତମାନ ପରିସ୍ଥିତିରେ ସ୍ୱାସ୍ଥ୍ୟ ରକ୍ଷା ଲାଗି ଯୋଗର ଉପକାରିତା ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ଗ୍ରାମର ବିଜୟ କୁମାର ଦାସ, ଚିନ୍ତାମଣି ସେଠୀ, ଆଦିତ୍ୟ ରଣା, ମୁକ୍ତିକାନ୍ତ ଧିନ୍ଦା, ଭଗବାନ ରାଉଳ, ଶାନ୍ତିସୁଦ୍ଧା ରଣା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# କର୍ମଚାରୀ ଅଭାବରୁ ଉନ୍ନୟନ ବାଧାପ୍ରାପ୍ତ

**ପାଟଣା,୧୧।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକରେ କର୍ମଚାରୀ ଅଭାବରୁ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସହ ଉନ୍ନୟନ କାର୍ଯ୍ୟ ବାଧା ପ୍ରାପ୍ତ ହୋଇଛି। ପାଟଣା ବିଡିଓ କୁଶଳ ଚନ୍ଦ୍ର ନାଏକଙ୍କର କୋରାପୁଟ ଜିଲାକୁ ଅତିରିକ୍ତ ଉପଜିଲାପାଳ ଭାବେ ୨ ମାସ ପୂର୍ବରୁ ବଦଳି ହୋଇଥିଲେ ହେଁ ତାଙ୍କ ବଦଳରେ ପାଟଣା ବ୍ଲକରେ ନୂତନ ବିଡିଓ ଯୋଗ ଦେଇନାହାନ୍ତି। ଏବିଡିଓ ପ୍ରଫୁଲ୍ଲ ନାଏକ ଭାରପ୍ରାପ୍ତ ବିଡିଓ ଦାୟିତ୍ୱରେ ଥିଲେ ହେଁ ତାଙ୍କର ଦେହ ଅସୁସ୍ଥତା କାରଣରୁ ସେ ମଧ୍ୟ ୬ ଦିନ ହେବ ଛୁଟିରେ ଅଛନ୍ତି। ଏଭଳି ପରିସ୍ଥିତିରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଗ୍ରାମାଞ୍ଚଳରୁ ଲୋକେ ବିଭିନ୍ନ କାମ ନେଇ ବ୍ଲକ କାର୍ଯ୍ୟାଳୟ ଆସି କାମ କରି ନ ପାରି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ବ୍ଲକରେ ୩ ସିନିୟର କ୍ଲର୍କଙ୍କ ମଧ୍ୟରୁ ଜଣେ ମାତ୍ର କ୍ଲର୍କ କ୍ୟାସିୟର କାର୍ଯ୍ୟ ତୁଲାଉଛନ୍ତି। ଏଭଳି ପରିରିସ୍ଥିତି କର୍ମଚାରୀ ଅଭାବରୁ ବ୍ଲକର କର୍ମଚାରୀମାନଙ୍କର ମାର୍ଚ୍ଚ ମାସରୁ ଦରମା ହୋଇପାରୁନାହିଁ। ପାଟଣା ବ୍ଲକର ଉନ୍ନୟନ କାର୍ଯ୍ୟ ସହ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଗୁଡିକର ସଫଳ ରୂପାୟନ ପାଇଁ ତୁରନ୍ତ ଜଣେ ବିଡିଓଙ୍କୁ ନିଯୁକ୍ତି ଦେବା ସହ ଦୁଇ ସିନିୟର କ୍ଲର୍କ ଓ ଜଣେ ଜୁନିୟର କ୍ଲର୍କ ପଦବୀର ତୁରନ୍ତ ପୂରଣ ପାଇଁ ଦାବି ହେଉଛି।




ପାଟଣା ବ୍ଲକ କାର୍ଯ୍ୟାଳୟ।

# ପାଠପଢ଼ାରୁ ବଞ୍ଚିତ ଜୁଆଙ୍ଗ ଶିଶୁ

**କେନ୍ଦୁଝର, ୧୧।୫(ସ୍ୱ.ପ୍ର.)**

ଜୁଆଙ୍ଗ ଜନଜାତିମାନଙ୍କ ବିକାଶ ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବିଶେଷକରି ସେମାନଙ୍କ ଶିକ୍ଷାର ବିକାଶ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ଖୋଲାଯାଇ ମାଗଣାରେ ପାଠପଢା ବ୍ୟବସ୍ଥା କରାଯାଉଛି । ତେବେ ଉପଯୁକ୍ତ ତଦାରଖ ଅଭାବ ଏବଂ ପାଠପଢିବାର ସୁବିଧା ନ ପାଇ ଅନେକ ସମୟରେ ପିଲାମାନେ ଅଧାରୁ ପାଠ ଛାଡିବାକୁ ବାଧ ହେଉଛନ୍ତି। ଏଭଳି ସମସ୍ୟା ବାଂଶପାଳ ବ୍ଲକ ଅନ୍ତର୍ଗତ ଗୋନାସିକାଠାରେ ଥିବା ଆଦିମ ଜନଜାତି ଜୁଆଙ୍ଗ ବାଳକ ବିଦ୍ୟାଳୟ (ଏଜୁକେଶନାଲ କମ୍ପ୍ଲେକ୍ସ)ରେ ଦେଖାଦେଇଛି । ଏହି ବିଦ୍ୟାଳୟ ୨୦୦୮–୦୯ ବର୍ଷରେ ଆରମ୍ଭ ହୋଇ ଅବହେଳିତ ଜୁଆଙ୍ଗ ଜନଜାତିର ପିଲାମାନଙ୍କୁ ମାଗଣାରେ ଆବାସିକ ଶିକ୍ଷା ପ୍ରଦାନ ପାଇଁ ଜୁଆଙ୍ଗ ଉନ୍ନୟନ ସଂସ୍ଥା ଅଧୀନରେ ଏହି ବିଦ୍ୟାଳୟ ଖୋଲାଯାଇ ଶିକ୍ଷାଦାନ କରାଯାଉଛି ବୋଲି ମତପ୍ରକାଶ ପାଉଛି । ଏହି ବିଦ୍ୟାଳୟରେ ୫ମରୁ ୭ମ ଯାଏ ପଢିବା ବ୍ୟବସ୍ଥା ରହିଛି । ଏଣୁ ୭ମ ପାସ୍ ପରେ ଏହି ଜୁଆଙ୍ଗ ପିଲାମାନେ ଅଧିକ ପାଠ ପଢିବା ପାଇଁ ବହୁ ସମସ୍ୟା ଭୋଗୁଛନ୍ତି। କେତେକେ ଅନ୍ୟ ହାଇସ୍କୁଲରେ ନାମ ଲେଖାଇ ପଢୁଛନ୍ତି କିନ୍ତୁ ଅନେକ ସୁବିଧା ନ ପାଇ ପାଠପଢା ଛାଡୁଥିବା ସାମାଜିକ କର୍ମୀ ବୀର ନାୟକ କହିଛନ୍ତି। ଚଳିତ ବର୍ଷ ପାସ୍ କରିଥିବା ପିଲାମାନେ ଏବେ ୭ମ ପରେ ପଢିବା ଅନିଶ୍ଚିତତା ମଧ୍ୟରେ ରହିଛି।

ଏଭଳି ଚଳିତ ବର୍ଷ ୭ମ ପାସ୍ କରିଥିବା ୩୫ ଜଣ ପିଲା ଅଧିକ ପଢିବାକୁ ଆଗ୍ରହ କରି ଚିନ୍ତାରେ ରହିଛନ୍ତି। ଅନ୍ୟପକ୍ଷରେ ଏହି ଆବାସିକ ବାଳକ ବିଦ୍ୟାଳୟ ସମୁଦାୟ ୨ ଶିକ୍ଷକ ଓ ୨ ଜଣ ପିଅନରେ ଚାଲିଥିଲେ ହେଁ ଏଥିପ୍ରତି କାହାର ଦୃଷ୍ଟି ପଡୁ ନ ଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଥିବା ଅଭିଭାବକ ମତବ୍ୟକ୍ତ କରୁଛନ୍ତି। ଏନେଇ ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ ଦାସ କହିଛନ୍ତି ଯେ, ଉକ୍ତ ବିଦ୍ୟାଳୟ ଜେଡିଏ ଅଧୀନରେ ଚାଲିଛି। ତେବେ ପିଲାମାନେ କିପରି ଅନ୍ୟ ସ୍କୁଲରେ ନାମ ଲେଖାଇ ପଢିବେ ସେ ନେଇ ପଦକ୍ଷେପ ନିଆଯିବ। ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ କେହି ଅଧାରୁ ପାଠ ଛାଡିବେ ନାହିଁ । ସମସ୍ତଙ୍କୁ ପାଠ ପଢିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।